# ଏ ପ୍ରହସନ କାହିଁକି ?

**ଆମ ଘରର ହାଲଚାଲ**

ସୌମ୍ୟରଂଜନ ପଟ୍ଟନାୟକ

ଓଡ଼ିଶା ଶାସନ ଓଡ଼ିଆରେ ହେବ ବୋଲି ପୁଣିଥରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି । ତଳୁ ଉପର ପର୍ଯ୍ୟନ୍ତ ସବୁ ସ୍ତରର ନଥିପତ୍ରରେ ଓଡ଼ିଆ ଭାଷାରେ ଲେଖାପଢ଼ା ହେବ । ଓଡ଼ିଆ ଭାଷା, ସାହିତ୍ୟର ସୁରକ୍ଷା ଓ ସମୃଦ୍ଧି ପାଇଁ ମୂଳରୁ ସଂକଳ୍ପ ନେଇଥିବା ଏକ ଖବରକାଗଜ ତରଫରୁ ସରକାରଙ୍କୁ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏଥିପାଇଁ ଆନ୍ତରିକ ଅଭିନନ୍ଦନ ଜଣାଉଛୁ । ତେବେ ଏହା ଆମକୁ ଯେତିକି ଆନନ୍ଦ ଦେଉଛି, ତା'ଠାରୁ ଅଧିକ ଆମୋଦିତ କରୁଛି ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆନ୍ଦୋଳନ ଭାଷାଭିତ୍ତିରେ ପ୍ରଦେଶ ଗଠନ ପାଇଁ ଇଂରେଜ ସରକାରଙ୍କୁ ବାଧ୍ୟ କରିଥିଲା । ଓଡ଼ିଆ ଯେ ଏକ ସ୍ୱତନ୍ତ୍ର ଭାଷା ଏବଂ ଓଡ଼ିଆ ଭାଷାଭାଷୀ ଲୋକମାନେ ଗୋଟିଏ ପ୍ରାଦେଶିକ ଶାସନ ଅଧୀନରେ ରହିବା ଉଚିତ, ଏହା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆନ୍ଦୋଳନର ମୁଖ୍ୟ ଯୁକ୍ତି ଥିଲା । ଭାଷାଭିତ୍ତିରେ ପ୍ରଦେଶ ଗଠନର ସିଦ୍ଧାନ୍ତକୁ ସମ୍ମାନ ଓ ସ୍ୱୀକୃତି ଜଣାଇ ୧୯୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା । ବିଡ଼ମ୍ବନାର ବିଷୟ ଏହି ଯେ ଓଡ଼ିଆ ଭାଷାକୁ ନେଇ ଆମେ ସ୍ୱତନ୍ତ୍ର ରାଜ୍ୟ ପାଇଲେ ସିନା , ଆମ ଶାସନରେ କିନ୍ତୁ ତାର ବ୍ୟବହାର ହେଲା ନାହିଁ । ଦୀର୍ଘ ୨୦ ବର୍ଷ ପରେ ଯେତେବେଳେ ସାରା ଭାରତରେ ରାଜ୍ୟ ପୁନର୍ଗଠନର ପ୍ରକ୍ରିୟା ଚାଲିଲା, ଆମେ ମଧ୍ୟ ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ରହିଯାଇଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଓଡ଼ିଶାରେ ସାମିଲ କରିବାକୁ ଦାବି କଲୁ ; ସମ୍ଭବତଃ ସେଇଥିପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ୧୯୫୬ ମସିହାରେ ଓଡ଼ିଆ ସରକାରୀ ଭାଷା ହେଉ ବୋଲି ଜୋର୍ ଦେଇ ଘୋଷଣା କଲେ । ସେହି ଘୋଷଣା କିନ୍ତୁ ଘୋଷଣା ହୋଇ ରହିଲା । ପୁଣି ୨୬ ବର୍ଷ ପରେ ସାହିତ୍ୟ ସଂସ୍କୃତି ପ୍ରେମୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ମୁଖ୍ୟମନ୍ତ୍ରିତ୍ୱ ବେଳେ, ୧୯୮୨ ମସିହାରେ ଓଡ଼ିଆକୁ ସରକାରୀ ଭାଷା ଭାବେ ବ୍ୟବହାର କରିବା ପାଇଁ ଜୋର୍ ଦିଆଗଲା । ଜାନକୀବାବୁ ଏଥିପାଇଁ କିଛି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେଇଥିଲେ । ସେତେବେଳେ କମ୍ପ୍ୟୁଟର କି ଡି.ଟି.ପି. ତ ନଥିଲା, ଇଂରାଜି ଟାଇପ୍-ରାଇଟର ବଦଳରେ ଓଡ଼ିଆ ଟାଇପ-ରାଇଟର ପ୍ରବର୍ତ୍ତନ କରାଗଲା । ସରକାରୀ ସ୍ତରରେ ବହୁଳ ଭାବରେ ବ୍ୟବହାର ହେଉଥିବା ଇଂରାଜି ଶବ୍ଦର ସହଜ ଓ ସରଳ ରୂପାନ୍ତର ପାଇଁ ଉଦ୍ୟମ ହେଲା । ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଏହି ଅଭିଯାନରେ ସମ୍ପୃକ୍ତ ହେଲେ । ଓଡ଼ିଆରେ ଲେଖା ନହେଲେ ସେ ନିଷ୍ପତ୍ତି ନନେଇ ଫାଇଲମାନ ଫେରାଇ ଦେଉଥିବାର ଖବର ପ୍ରକାଶ ପାଇଲା । ସାଧାରଣ ଭାବରେ ଭାଷା ବ୍ୟବହାର ପ୍ରତି ସରକାରୀ ସ୍ତରରେ ସଚେତନତା ପ୍ରକାଶ ପାଇଲା । ଜାନକୀବାବୁଙ୍କ ପରେ କ'ଣ ହେଲା କେଜାଣି, ଏ ସମ୍ପର୍କରେ ଆଲୋଚନା କରିବାକୁ ମଧ୍ୟ ଅନେକେ ସଙ୍କୋଚ କଲେ ।

ଆଜି ପୁଣି ୨୮ ବର୍ଷ ପରେ ଆଉ ଥରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଉଛି ଯେ ଶାସନ ଓଡ଼ିଆରେ ଚାଲିବ । ଏ ପ୍ରକାର ଘୋଷଣାରୁ ଆମେ କ'ଣ ବୁଝିବା ? ସାଧାରଣ ପ୍ରଶାସନ ବିଭାଗର ଏ ନିଷ୍ପତ୍ତି ପଛରେ ନିଶ୍ଚୟ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ସ୍ୱାକ୍ଷର ଥିବ । କେବଳ ସ୍ୱାକ୍ଷର ଅଛି ନା ଆଉ କିଛି ଓଡ଼ିଆରେ ଲେଖା ଅଛି ଏ ନେଇ ଆମର ସନ୍ଦେହ ରହିଛି । ହଠାତ୍ ଶାସନର ୧୦ ବର୍ଷ ପରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଓଡ଼ିଆ ଭାଷା କଥା କାହିଁକି ମନେ ପଡ଼ିଲା ? ତାଙ୍କର ଯାବତୀୟ ଯୋଜନା ପରି ଏହା ପଛରେ କୌଣସି ରାଜନୈତିକ ଅଭିସନ୍ଧି ନାହିଁ ତ ? କାରଣ ଆଜିଠୁଁ ଦଶବର୍ଷ ତଳେ 'ସମ୍ବାଦ' ତରଫରୁ ଶାସନମୁଖ୍ୟଙ୍କର ଭାଷାଜ୍ଞାନ ସମ୍ପର୍କରେ ଆମେ ଏକ ମୌଳିକ ପ୍ରଶ୍ନ ଉଠାଇଥିଲୁ । ଓଡ଼ିଆଙ୍କୁ ଶାସନ କରିବା ପାଇଁ ଶାସନମୁଖ୍ୟ ଓଡ଼ିଆ ଜାଣିବା ଦରକାର କି ? ସେତେବେଳେ ଏହାକୁ ଏକ ଅଦରକାରୀ ଓ ଅବାନ୍ତର ପ୍ରଶ୍ନ ବୋଲି ଓଡ଼ିଶାର ବହୁ ବୁଦ୍ଧିଜୀବୀ, ପ୍ରଶାସକ ଓ ସାହିତ୍ୟପ୍ରେମୀ ମତ ଦେଇଥିଲେ । ନବୀନବାବୁ ମଧ୍ୟ ପରବର୍ତ୍ତୀ ନିର୍ବାଚନରେ ବହୁ ଭୋଟ୍‌ରେ ନିର୍ବାଚିତ ହୋଇ ଆସିଲେ । ଦଶ ବର୍ଷ ପରେ ଆଜି ହଠାତ୍ ନବୀନବାବୁଙ୍କୁ ଏପରି ଏକ ନିଷ୍ପତ୍ତି ନେବା କାହିଁକି ଦରକାର ପଡ଼ିଲା ? ଏହା ପଛରେ ଆନ୍ତରିକତା କମ୍, ରାଜନୈତିକ ବାଧ୍ୟବାଧକତା ବେଶି ଅଛି ବୋଲି କହିଲେ ଭୁଲ ହେବ କି ? କାରଣ ନବୀନବାବୁଙ୍କ ପ୍ରଶାସନ ଭାଷା ସାହିତ୍ୟ ସହିତ ସଂପର୍କିତ ଅଧିକାଂଶ ଅନୁଷ୍ଠାନକୁ ତାଙ୍କର ବେଖାତିର ମନୋଭାବ ଯୋଗୁଁ ନଷ୍ଟ କରିସାରିଲେଣି । ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ବିଶେଷକରି ଓଡ଼ିଆ ଭାଷା ପ୍ରତିଷ୍ଠାନର ଅବସ୍ଥା କଥା ଚିନ୍ତା କଲାବେଳେ ଏକଥା ମନକୁ ଆସୁଛି । ଗତ ୧୦ ବର୍ଷର ଶାସନ ମଧ୍ୟରେ ସେପରି କୌଣସି ଉଲ୍ଲେଖନୀୟ, ଆଖିଦୃଶିଆ ସଫଳ କାର୍ଯ୍ୟ ହୋଇପାରିନାହିଁ । ଏଣୁ ଭାଷା ପରି ଏକ ଆବେଗିକ ବିଷୟକୁ ମୁଖ୍ୟ ପ୍ରସଙ୍ଗ କରି ଆଉ ଏକ ଚକମା ଦେଖାଇବାକୁ ସେ ଚାହୁଁଛନ୍ତି ।

ଗଣମାଧ୍ୟମ ହିସାବରେ ଆମର କ୍ଷୋଭ ହେଲା, ଏଭଳି ପରିସ୍ଥିତିରେ ଆମେ ଦାୟିତ୍ୱ ନିର୍ବାହ କରିବୁ କିପରି ? ଲୋକଙ୍କୁ ଲୋକଙ୍କ ସହ ଯୋଡ଼ିବା, ନାନାବିଧ ଅନୀତି, ଅସଙ୍ଗତିକୁ ପ୍ରଶାସନର ଦୃଷ୍ଟିକୁ ଆଣିବା ଆମର ପ୍ରଧାନ କର୍ତ୍ତବ୍ୟ ବୋଲି ଆମେ ବିଚାର କରୁ । ତେବେ ଆମେ ଆଜି ଯାହା ଲେଖୁଛୁ, ଶାସନମୁଖ୍ୟ ଭାବରେ ନବୀନବାବୁ ତାକୁ ପଢିପାରିବେ ତ ?

ନବୀନବାବୁ ଦଶବର୍ଷ ତଳୁ ଓଡ଼ିଶାର ଶାସନଭାର ଗ୍ରହଣ କଲେଣି । ଦଶବର୍ଷ ତଳୁ ଶିଖିବା ଆରମ୍ଭ କରିଥିଲେ ସେ ଓଡ଼ିଆରେ ମାଟ୍ରିକ୍ ପାସ୍ କରନ୍ତେଣି । ସରକାରୀ ନିୟମ କହୁଛି, ପ୍ରଶାସକମାନଙ୍କୁ ଅନ୍ତତଃପକ୍ଷେ ଓଡ଼ିଆ ଭାଷାରେ ସପ୍ତମ ଶ୍ରେଣୀର ଯୋଗ୍ୟତା ଅର୍ଜନ କରିବାକୁ ପଡ଼ିବ । ଏଣେ ସରପଞ୍ଚମାନେ ଓଡ଼ିଆ ନଜାଣିଲେ ବରଖାସ୍ତ ହେଉଛନ୍ତି । ଅଥଚ ଓଡ଼ିଶାର ଶାସନମୁଖ୍ୟ ଓଡ଼ିଆ ନଜାଣି ଶାସନ କରିପାରୁଛନ୍ତି । ଏବେ ମହାରାଷ୍ଟ୍ରରେ ଟ୍ୟାକ୍ସି ଚାଳକମାନେ ମରାଠୀ ନଜାଣିଲେ ଟ୍ୟାକ୍ସି ଚଳାଇ ପାରିବେ ନାହିଁ ବୋଲି କଡ଼ା ନିଷ୍ପତ୍ତି ନିଆଯାଇଛି ।

ଏଣୁ ନବୀନବାବୁ ରାଜନୈତିକ ଅଭିସନ୍ଧି ଥିବା ଏ ପ୍ରକାର ପ୍ରହସନରୁ ନିବୃତ୍ତ ରହନ୍ତୁ । ଦୀର୍ଘ ୧୦ ବର୍ଷ ଧରି ଓଡ଼ିଆମାନେ ତାଙ୍କୁ ଯେଉଁ ରାଜନୈତିକ ସମର୍ଥନ ଦେଇଛନ୍ତି, ତାର ପ୍ରତିଦାନ ସ୍ୱରୂପ ଆଉ କିଛି କରନ୍ତୁ କି ନକରନ୍ତୁ ତାଙ୍କ ଭାଷାଟିକୁ ଟିକେ ଶିଖିବାକୁ ଚେଷ୍ଟା କରନ୍ତୁ । ତାଙ୍କ ଭାଷାରେ ତାଙ୍କ ସୁଖଦୁଃଖରେ ଭାଗିଦାର ହୁଅନ୍ତୁ । ତା' ନହେଲେ ବିଜେଡ଼ିର 'ସୁପ୍ରିମୋ' ହୋଇ ରହନ୍ତୁ , ଓଡ଼ିଆ ଜାଣିଥିବା କେହି ଜଣେ ଅନୁଗତଙ୍କୁ ଶାସନ ଦାୟିତ୍ୱ ଦେଇ ପଛର ମାର୍ଗଦର୍ଶନ କରାନ୍ତୁ ।